# ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 23-02-2024

ବଲାଙ୍ଗୀର(ଓଡିଶା) - :2024-02-23 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-02-24 | 2024-02-25 | 2024-02-26 | 2024-02-27 | 2024-02-28 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 1.0 | 5.0 | 3.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 35.0 | 34.0 | 34.0 | 34.0 | 35.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 17.5 | 19.0 | 19.0 | 19.0 | 17.7 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 76 | 64 | 75 | 58 | 62 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 17 | 24 | 27 | 28 | 18 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 7 | 8 | 9 | 11 | 7 |
| ପବନର ଦିଗ (ଡିଗ୍ରୀ) | 112 | 158 | 68 | 124 | 68 |
| ମେଘାଛନ (ଅକ୍ଟା) | 0 | 3 | 8 | 8 | 4 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ଅନୁସାରେ ଆଗକୁ ୩ ଦିନ ସ୍ୱଳ୍ପ ବର୍ଷା ସମ୍ଭାବନା ଓ ପ୍ରଥମ, ଦ୍ୱିତୀୟ ଦିନ ପାଗ ଶୁଷ୍କ ସମ୍ଭାବନା। ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୪-୩୫ ଡିଗ୍ରୀ ସେଲସିୟସ ୧୭.୫-୧୯ ଡିଗ୍ରୀ ସେଲସିୟସ ସମ୍ଭାବନା। ସର୍ବାଧିକ ଓ ସର୍ବନିମ୍ନ ଅଦ୍ରତା ୫୮-୭୬ % ଏବଂ ୧୭-୨୮ % ସମ୍ଭାବନା। ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୭ ରୁ ୧୧ କିଲୋମିଟର ପ୍ରତି ଘଣ୍ଟା ମଧରେ ରହିବ। ସମ୍ଭାବନା । ଆଗକୁ ୫ ଦିନ ଆକାଶ ମୁଖ୍ୟତ ନିର୍ମଳ ରୁ ମୁଖ୍ୟତ ମେଘୁଆ ସମ୍ଭାବନା।

## ସାଧାରଣ ଉପଦେଶ:

ବର୍ତମାନ ପନିପରିବା ଓ ରବି ଫସଲ ରେ ଶୋଷକ କୀଟ ଯଥା ଜଉ ପୋକ ,ଅଷ୍ଟପଦୀ, ଓ ଉକୁଣିଆ ପୋକ ର ପାଦୁର୍ଭାବ ବଢିପାରେ । ଏହାର ନିରାକରଣ ପାଇଁ Thiomethoxam ୨୫% WG@ ୪୦ ଗ୍ରାମ କିମ୍ବା Imidacloprid ୧୭.୮% SL @ ୫୦ ମିଲି କୁ ୨୦୦ ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

ନିୟମିତ ଫସଲ ପର୍ଯ୍ୟବେକ୍ଷଣ କରନ୍ତୁ ଓ ରୋଗ ପୋକ ପ୍ରତି ଧ୍ୟାନ ଦିଅନ୍ତୁ ।

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ମକା | ମକା ଫସଲ ବର୍ତମାନ ପ୍ରଜନନ ଅବସ୍ଥା ରେ ଅଛି । ଏକର ପ୍ରତି ୮ କିଗ୍ରା ଯବକ୍ଷାର ସାର ପ୍ରୟୋଗ କରନ୍ତୁ ଓ ଜମିରେ ୬ ଘଣ୍ଟା ରୁ ଅଧିକ ସମୟ ପାଣି ଜମିବାକୁ ଦିଅନ୍ତୁ ନାହି । ମକା ରେ କାଣ୍ଡବିନ୍ଧା ପୋକର ସଂକ୍ରମଣ ଦେଖିବାକୁ ମିଳିଛି। |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ୧୦ଦିନ ବ୍ୟବଧାନ ରେ ଦୁଇ ଥର ଏକର ପ୍ରତି ଟ୍ରାଇକୋଗ୍ରାମା ଚିଲୋନିସ ୨୦୦୦୦ ମୁକ୍ତ କରନ୍ତୁ। ଯଦି ଉପରୋକ୍ତ ପଦ୍ଧତି ଦ୍ୱାରା ନିୟନ୍ତ୍ରିତ ନ ହୁଏ, ତେବେ ୧ ଲିଟର ପାଣିରେ ୨ ମିଲି Fipronil ମିଶାଇ ସିଞ୍ଚନ କରନ୍ତୁ। |
| ମୁଗ | ବର୍ତମାନ ମୁଗ ଓ ବିରିରେ ଫ୍ଲି ବିଟଲ ଲାଗିଲେ ଏହାର ନିରାକରଣ ପାଇଁ Chlorpyriphos 20 EC+ Cypermethrin 5% EC @1 ମିଲି କିମ୍ବା Chlorpyriphos 90% EC@ ୨ମିଲି. କିମ୍ବା Triazophos ୪0% EC @୨ମିଲି ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ବର୍ତମାନ ମୁଗ ଓ ବିରିରେ ଜଉପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିରାକରଣ ପାଇଁ ଏକର ପିଛା Thiomethoxam ୨୫% WG @୪୦ ଗ୍ରାମ କିମ୍ବା Acetamiprid ୨୦%SP @ ୫୦ ଗ୍ରାମ କିମ୍ବା Imidacloprid୧୭.୮% SL@ ୭୦ ମି.ଲି କୁ୨୦୦ ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ତମାନ ପାଗରେ ମୁଗ ଓ ବିରି ରେ ପତ୍ରଖିଆ ଓ କାଳିମୁଣ୍ଡି ପୋକ ଲାଗିବାର ସମ୍ଭାବନା ଅଛି। ଏହାର ନିରାକରଣ ପାଇଁ Profenophos ୫୦ EC ୨ମି.ଲି କିମ୍ବା Dichlorvos ୭୬% E.C ୧ ମିଲି କୁ ପ୍ରତି ଲି.ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଯଦି ବର୍ତମାନ ପାଗରେ ପାଉଁଶିଆ ରୋଗ ଲାଗେ ତେବେ ଏହାର ନିରାକରଣ ପାଇଁ Tebuconazole ୨୫.୯E.C୧ ମିଲି କୁ ପ୍ରତି ଲି.ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | ଯଦି ବାଇଗଣ ରେ ପତ୍ରଖିଆ ସମ୍ବାଲୁଆ, କାଣ୍ଡ ଓ ଫଳବିନ୍ଧା ଲାଗେ ତେବେ ପ୍ରତି ଲି . ପାଣିରେ ୦.୫ ଗ୍ରାମ Emamectin benzoate କିମ୍ବା ୦.୪ ମି.ଲି Spinosad ୪୫ SC କୁ ମିଶାଇ ପ୍ରୟୋଗ କରନ୍ତୁ। |
| ଆମ୍ବ | ଆମ୍ବ ବଗିଚା ରେ ଆମ୍ବ ଡାହାଣୀ କୀଟ ସମସ୍ୟା ଅଧିକ ହେବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୦.୪ ମି.ଲି. ହିସାବ ରେ imidacloprid କୀଟନାଶକ ଗୋଳାଇ ଆମ୍ବ ଗଛ ଓ ଶାଖା ପ୍ରଶାଖାରେ ସିଞ୍ଚନ କରନ୍ତୁ । ଉଈ ଦାଉରୁ ରକ୍ଷା କରିବା ପାଇଁ ଆମ୍ବ ଗଛରୁ Chlorpyriphos 20 EC @ 2ମି.ଲି /ଲିଟର ପାଣିରେ ମିଶାଇ ଗଛର ଗଣ୍ଡି ରେ ସିଞ୍ଚନ କରନ୍ତୁ \| |
| ଲେମ୍ବୁ | ଲେମ୍ବୁ ରେ ଲେମ୍ବୁ ପ୍ରଜାପତି ଦେଖାଗଲେ, ନିରାକରଣ ପାଇଁ Profenophos @ ୨ ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |